# Akashvani, Sambalpur

# SAMBALPURI NEWS MORNING BULLETIN

# 15 July 2026 - 6.47- 6.52 am.

---

ରାଜ୍ୟ କେବିନେଟ୍       ଆଇ ଆଣ୍ଡ୍ ପି.ଆର୍

ଆଏବା ବଛର୍ ହେବାର୍‌କେ ଥିବା ତ୍ରିସ୍ତରୀୟ ପଂଚାୟତ୍ ନିର୍ବାଚନ୍ ଆଘୋନୁ ଗ୍ରାମାଂଚଲ୍ ଯୋଗାଯୋଗ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ୫ ବଛରେ ଗାଁ ଇଲାକାର୍ ରାସ୍ତା ଆଉ ସେତୁ ନିର୍ମାଣ୍ ବାବଦ୍‌କେ ୩୨ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଯୋଜ୍‌ନା ପ୍ରସ୍ତୁତ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା ରାଜ୍ୟ କେବିନେଟ୍‌ର ବୈଠକ୍‌ଥି ଇ ବାବଦ୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଇତାର୍‌ସହେତେ ୭ ଟା ବିଭାଗ୍‌ର ୧୩ ଟା ପ୍ରସ୍ତାବ୍‌କେ ଆଲୋଚନା ଉତ୍‌ନୁ ଅନୁମୋଦନ୍ କରାଯାଇଛେ ।

ଶ୍ରୀଜଗନ୍ନାଥ୍ ମନ୍ଦିର୍ ଡିଜିଟାଲ୍ ହୁଣ୍ଡି          ଆଇ ଆଣ୍ଡ୍ ପି.ଆର୍

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ନ ଆଏଜ୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଡିଜିଟାଲ୍ ହୁଣ୍ଡି 'ସମର୍ପଣ୍' ୱେବ୍ ପୋର୍ଟାଲ୍ ଆଉ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉନ୍ମୋଚନ୍ କର୍‌ବେ ।

କୋଭିଡ୍ -୧୯       ଆଇ ଆଣ୍ଡ୍ ପି.ଆର୍

ସମ୍ଭାବ୍ୟ କୋଭିଡ୍ -୧୯ ପରିସ୍ଥିତିକେ ନଜର୍‌ଥି ରଖିକରି ଗଲାକାଏଲ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପ୍ରସ୍ତୁତି ଆଉ ଜରୁରୀ ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । କୋଭିଡ୍ -୧୯ କେ ନେଇକରି କେନ୍‌ସି

ପ୍ରକାରର୍ ଗୁଜବ୍ କି ଅପପ୍ରଚାର୍ କେ ନାଇଁ ଡରିକରି ସଚେତନ୍ ରହେବାର୍ ସହେତେ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଲୀ ମାନ୍‌ବାର୍‌କେ ଲୁକ୍‌କୁ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ ପରାମର୍ଶ ଦେଇଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ରାଏଜେ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାର୍ ଆବେଦନ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଉଛେ । ଆଏବା ମାସର୍ ୧୪ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା । ଯୋଜ୍‌ନା ବାବ୍‌ଦେ ପୁରା ତଥ୍ୟ ପର୍ଯ୍ୟଟନ୍ ବିଭାଗ୍ ୱେବ୍‌ସାଇଟ୍ dot.odisha.gov.in ଥି ମିଲିପାରୁଛେ । ଆବେଦନ୍‌କାରୀମାନେ ଜିଲ୍ଲାପାଲ୍, ଜିଲ୍ଲା ପର୍ଯ୍ୟଟନ୍, ଉନ୍ନୟନ୍ ଅଧିକାରୀ, ବ୍ଲକ୍ ଉନ୍ନୟନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଆଉ ପର୍ଯ୍ୟଟନ୍ ବିଭାଗ୍ ୱେବ୍‌ସାଇଟ୍‌ନୁ ଫର୍ମ ନେଇପାର୍‌ବେ । ଇ ବଛର୍ ଆବେଦନ୍‌କାରୀମାନେ ଆଏବା ମାସ ୧୪ ତାରିଖ୍ ଭିତ୍‌ରେ ଅନ୍‌ଲାଇନ୍ ଜରିଏ ଭିଲ୍ ଆବେଦନ୍‌କରିପାର୍‌ବେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱନାଥ ପଣ୍ଡିତ୍ କେନ୍ଦ୍ରୀୟ ପାଠାଗାର୍ ଆଇ ଆଣ୍ଡ୍ ପି.ଆର୍

କଟକ୍ ବାଦାମ୍‌ବାଡ଼ି ଠାନେ ୩ ଏକଡ଼୍ ଜମିଥି ୪୨ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ରାଜ୍ୟର୍ ସବୁନୁ ବଡ଼ ବିଶ୍ୱନାଥ ପଣ୍ଡିତ୍ କେନ୍ଦ୍ରୀୟ ପାଠାଗାର୍ ଗଲାକାଏଲ୍ ଲୋକାର୍ପିତ୍ ହେଇଛେ । ଗୃହ ନିର୍ମାଣ୍, ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ତାକେ ଉଦ୍‌ଘାଟନ୍ କରିଛନ୍ । ଇ ଅତ୍ୟାଧୁନିକ୍ ସ୍ମାର୍ଟ ପାଠାଗାର୍‌ଥି ୧ ଲାଖ୍ ନୁ ଅଏତ୍‌କା ବହି ହଜାରେ ନୁ ଅଏତ୍‌କା ପାଠକ ବସ୍‌ବାର୍ ଲାଗି ଜାଗା, ଇ-ଲାଇବ୍ରେରୀ, ଗବେଷଣା କକ୍ଷ, ପ୍ରେକ୍ଷାଳୟ, କେଫେଟେରିଆ ସହେତେ ଅଲ୍‌ଗା ଆନୁସଙ୍ଗିକ୍ ସୁବିଧା ରହିଛେ ।

ବିଶ୍ୱ ଯୁବକୌଶଲ୍ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁବପିଢ଼ିର୍ ଦକ୍ଷତା ଆଉ ଦେଶ୍ ନିର୍ମାଣ୍ ଦିଗେ ଯୋଗ୍‌ଦାନ୍‌କେ ସମ୍ମାନ୍ ଜନେଇକରି ଫି' ବଛର୍ ଆଜିର୍ ଦିନ୍‌କେ ବିଶ୍ୱ ଯୁବକୌଶଲ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଇ ଦିବସ୍

ପାଳନ୍ ଲାଗି ମିଲିତ ଜାତିସଂଘ ନ ଶ୍ରୀଲଙ୍କା ଦେଇଥିବା ପ୍ରସ୍ତାବ୍‌କେ ୨୦୧୪ ନଭେମ୍ବର୍- ୧୧ ତାରିଖ୍ ଦିନ ଗୃହିତ୍ କରାଯାଇଥିଲା ।

୨୦୧୫ ଜୁଲାଇ ୧୫ ତାରିଖ୍ ଦିନ ବିଶ୍ୱ ଯୁବକୌଶଲ୍ ଦିବସ୍ ଉଲ୍‌ଗୁନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶେ ଦକ୍ଷତା ବିକାଶ୍ ଯୋଜ୍‌ନା ମୁଲ୍ କରିଥିଲେ । ଇ ଯୋଜ୍‌ନାଥି ସର୍‌କାର୍‌ଙ୍କର୍ ତର୍‌ଫୁ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ଭିନ୍ ଭିନ୍ କ୍ଷେତ୍ର ନ ମାହାଲିଆ ଔଦ୍ୟୋଗିକ୍ ପ୍ରଶିକ୍ଷଣ୍ ଦିଆଯିବାର୍ ସୁବିଧା ରହିଛେ ।

ଇ ଦିବସ୍ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ରାଜ୍ୟସ୍ତରୀୟ ସମାରୋହର୍ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଶିଳ୍ପ, ଦକ୍ଷତା ବିକାଶ ଆଉ ବୈଷୟିକ୍ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ଏସ୍‌ଆଇଆର୍ ବୌଦ୍ଧ ସମ୍ବାଦଦାତା

ରାଏଜେ ଚାଲିଥିବା ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ କାର୍ଯ୍ୟକ୍ରମ୍‌ର ପୋଷ୍ଟ୍ ଡ୍ରାଫ୍ ଖେପ୍‌କେ ନିର୍ଭୁଲ୍ ଭାବେ କର୍‌ବାର୍

ଲାଗି ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ବିଏଲ୍ଓ ଆଉ ବିଏଲ୍ଓ ସୁପର୍‌ଭାଇଜର୍‌ମାନ୍‌କୁ ପ୍ରଶିକ୍ଷଣ୍ ଦିଆୟାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଆଉ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଇ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଦୁହି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ବିଏଲ୍ଓମାନେ ଯୋଗ୍ ଦେଇଥିଲେ ।

'ମାଇ ଭାରତ୍'      କଳାହାଣ୍ଡି ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ୟୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ୍‌ଥି 'ମାଇ ଭାରତ୍'ର ଜିଲ୍ଲା ପ୍ରରାମର୍ଶଦାତା କମିଟିର ପହେଲା ବୈଠକ୍ ଆଉ ଜିଲ୍ଲ ସମନ୍ୱୟ କମିଟିର୍ ବୈଠକ୍ କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନ ଥିବା ସଦ୍‌ଭାବନା ସଭାଗୃହ ନ ହେଇୟାଇଛେ । ବୈଠକ୍‌ଥି ଜିଲ୍ଲା ନ ୟୁବ ସଶକ୍ତିକରଣ୍, ସ୍ୱେଚ୍ଛାସେବା, ଭିନ୍ ଭିନ୍ ସର୍‌କାରୀ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ଆଉ ମାଇ ଭାରତ୍ କାର୍ଯ୍ୟକ୍ରମ୍‌କେ ଅଏତ୍‌କା ବ୍ୟାପକ୍ କର୍‌ବାର୍ ଉପ୍‌ରେ ଆଲୋଚନା କରାୟାଇଥିଲା ।

ଜିଲ୍ଲାପାଲ୍- ସମୀକ୍ଷା      କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ଓସ୍ୱାନ୍ ସମ୍ମିଲନୀ କକ୍ଷ ନ ଭିନ୍ ଭିନ୍ ସର୍କାରୀ ଅଭିଯୋଗ୍ର ସ୍ଥିତି ବାବଦ୍ ସମୀକ୍ଷା ବୈଠକ୍ ହିୟାଇଛେ । ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ସବୁ ଅଭିଯୋଗ୍ ମାନ୍କୁ ଆଏବା ହପ୍ତେ ଭିତ୍ରେ ସମାଧାନ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ ବାଂଲାଦେଶ୍ ଉପ୍ରେ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ୧୧ ଟା ଜିଲ୍ଲା ନ ଜବର୍ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ସୁନ୍ଦର୍ଗଡ଼୍, ଦେବ୍ଗଡ଼୍, ବୌଦ୍ଧ, ସହେତେ ୯ ଟା ଜିଲ୍ଲା

ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।